# ଜଙ୍ଗଲ ଅଧିକାର ଆଇନ୍ ଓ ନିୟମାବଳୀର କାର୍ଯ୍ୟକାରିତା ପାଇଁ

## କମିଟିସମୂହର ଗଠନ ଓ କାର୍ଯ୍ୟାବଳୀ ସମ୍ବନ୍ଧରେ

# ଓଡିଶା ସରକାରଙ୍କ ବିଜ୍ଞପ୍ତି


**The Orissa Gazette**

EXTRAORDINARY

PUBLISHED BY AUTHORITY

No. 470 CUTTACK, TUESDAY, FEBRUARY 19, 2008 / MAGHA 30, 1929

ସଂଖ୍ୟା ୪୭୦ କଟକ ମଙ୍ଗଳବାର ଫେବୃଆରି ୧୯, ୨୦୦୮/ ମାଘ ୩୦, ୧୯୨୯


---------------

No. 4694—TD-II-3/2008-SSD.

## ସଂଖ୍ୟା ୪୬୯୪- ଟିଡି-୨-୩/୨୦୦୮-ଏସ୍.ଏସ୍.ଡି.

## ଓଡିଶା ସରକାର

## ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

## ପ୍ରସ୍ତାବ

## ୧ ଫେବୃଆରି ୨୦୦୮

**ବିଷୟ-** ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ) ଆଇନ୍ ୨୦୦୬ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଉପଖଣ୍ଡ-ସ୍ତରୀୟ କମିଟି, ଜିଲ୍ଲା ସ୍ତରୀୟ କମିଟି ଏବଂ ରାଜ୍ୟ ସ୍ତରୀୟ ତଦାରଖ କମିଟିର ଗଠନ

ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ) ଆଇନ୍ ୨୦୦୬ ଏବଂ ଅନୁସୂଚୀତ ଜନଜାତି ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର, ନୂଆ ଦିଲ୍ଲୀଙ୍କ ଦ୍ୱାରା ଏହା ଅଧୀନରେ ପ୍ରଣୀତ ନିୟମାବଳୀର ଉଦ୍ଦେଶ୍ୟ ହେଉଛି, ବନବାସୀ ଅନୁସୂଚୀତ ଜନଜାତିସମୂହ ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଗଣ ଯେଉଁମାନେ ପୁରୁଷ ପୁରୁଷ ଧରି ବନାଞ୍ଚଳରେ ବସବାସ କରିଆସୁଛନ୍ତି ଅଥଚ ସେମାନଙ୍କର ଅଧିକାର ଲିପିବଦ୍ଧ ହୋଇପାରିନାହିଁ, ସେମାନଙ୍କୁ ସେମାନଙ୍କ ଦଖଲରେ ଥିବା ଜମି ଉପରେ ଅଧିକାର ପ୍ରଦାନ କରିବା ।

୨. ଉକ୍ତ ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀ ଅନୁଯାୟୀ ଯଥାଶୀଘ୍ର ଉକ୍ତ ଆଇନ୍‌ର ଯଥାର୍ଥ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା ପାଇଁ ସରକାର ସଯତ୍ନ ଚିନ୍ତାଭାବନା କଲାପରେ ପ୍ରସନ୍ନତା ସହ ନିଷ୍ପତ୍ତି ନେଇଛନ୍ତି ଯେ, ପ୍ରତି କମିଟି ପାଇଁ ବିହିତ ହୋଇଥିବା ପଦ୍ଧତି ଅନୁଯାୟୀ ନିମ୍ନ କମିଟିମାନ ଗଠନ କରାଯିବ ଏବଂ ପ୍ରତି କମିଟି ଉପରେ ନିମ୍ନରେ ଯଥାସ୍ଥିତି ସୂଚୀତ ହୋଇଥିବା ମତେ କାର୍ଯ୍ୟାବଳୀ ନ୍ୟସ୍ତ କରାଯିବ:-

## ୩. ଉପଖଣ୍ଡ-ସ୍ତରୀୟ କମିଟିର ଗଠନ:

ଉପଖଣ୍ଡ-ସ୍ତରୀୟ କମିଟି ନିମ୍ନୋକ୍ତ ସଭ୍ୟମାନଙ୍କୁ ନେଇ ଗଠିତ ହେବ, ଯଥା-

| | | |
|---|---|---|
| ୧. | ଉପ-ଜିଲ୍ଲାପାଳ ..... | ଅଧ୍ୟକ୍ଷ |
| ୨. | ଉପଖଣ୍ଡ ଦାୟିତ୍ୱରେ ଥିବା ବନାଧିକାରୀ | ସଭ୍ୟ |
| ୩. | ପଞ୍ଚାୟତ ସମିତିର ତିନିଜଣ ସଭ୍ୟ (ଏହି ୩ଜଣ ସଭ୍ୟ ଜିଲ୍ଲା ପରିଷଦ ଦ୍ୱାରା ମନୋନୀତ ହୋଇଥିବେ ଏବଂ ସେମାନଙ୍କ ଭିତରୁ ଅନ୍ତତଃ ୨ଜଣ ଅନୁସୂଚୀତ ଜନଜାତିର ହୋଇଥିବେ ଏବଂ ଆହୁରି ଭଲ ହେବ ଯଦି ସେମାନେ ବନବାସୀ ହୋଇଥିବେ ଅଥବା ଆଦିମ ଜନଜାତିର ଅନ୍ତର୍ଭୁକ୍ତ ହୋଇଥିବେ । ଯେଉଁସ୍ଥଳେ କୌଣସି ଅନୁସୂଚୀତ ଜନଜାତି ନଥିବେ, ସେପରି ସ୍ଥଳେ ଜିଲ୍ଲା ପରିଷଦଙ୍କ ଦ୍ୱାରା ମନୋନୀତ ହେବାକୁ ଥିବା ୨ ଜଣଙ୍କ ଭିତରୁ ଜଣେ ଅନ୍ୟ ପାରମ୍ପରିକ ବନବାସୀଙ୍କ ଭିତରୁ ଏକ ଜଣ ଏବଂ ଜଣେ ମହିଳା ହୋଇଥିବେ ।) | ସଭ୍ୟ |
| ୪. | ଅନୁସୂଚୀତ ଅଞ୍ଚଳରେ ଆଇ.ଟି.ଡି.ଏ.ର ସ୍ୱତନ୍ତ୍ର ଅଧିକାରୀ ଏବଂ ଅଣ-ଅନୁସୂଚୀତ ଅଞ୍ଚଳରେ ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ | ସଭ୍ୟ-ସଂପାଦକ |

## ୪. ଉପଖଣ୍ଡ-ସ୍ତରୀୟ କମିଟିର କାର୍ଯ୍ୟାବଳୀ-

ଉପଖଣ୍ଡ-ସ୍ତରୀୟ କମିଟି ନିମ୍ନୋକ୍ତ କାର୍ଯ୍ୟାବଳୀ ସଂପାଦନ କରିବେ-

(ଏ) ବନ୍ୟଜୀବ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା, ବିଶେଷ କରି ସଂରକ୍ଷଣ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ସଂକଟାପନ୍ନ ଉଦ୍ଭିଦ ଏବଂ ପ୍ରାଣୀସମୂହର ସୁରକ୍ଷା ପ୍ରତି ଗ୍ରାମସଭାର ଦାୟିତ୍ୱାବଳୀ ଓ ଜଙ୍ଗଲ ଅଧିକାରର ସତ୍ତାଧିକାରୀ ମାନଙ୍କର ଦାୟିତ୍ୱାବଳୀ ସମ୍ବନ୍ଧରେ ସେମାନଙ୍କୁ ସୂଚନା ପ୍ରଦାନ କରିବା;

(ବି)ଗ୍ରାମସଭା କିମ୍ବା ଜଙ୍ଗଲ ଅଧିକାର କମିଟିକୁ ଜଙ୍ଗଲର ନକ୍ସା ଓ ଭୋଟର୍ ତାଲିକାଗୁଡିକୁ ଯୋଗାଇଦେବା;

(ସି) ସଂପୃକ୍ତ ଗ୍ରାମସଭାଗୁଡିକର ପ୍ରସ୍ତାବସମୂହକୁ ସଂକଳିତ କରି ରଖିବା;

(ଡି) ଗ୍ରାମସଭାମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନକ୍ସା ତଥା ସବିଶେଷ ତଥ୍ୟାବଳୀକୁ ଏକତ୍ରୀକରଣ କରିବା;

(ଇ) ଗ୍ରାମସଭାଗୁଡିକର ପ୍ରସ୍ତାବ ଓ ନକ୍ସାସମୂହକୁ ଯାଞ୍ଚ କରି ଦାବୀଗୁଡିକର ସତ୍ୟାସତ୍ୟ ନିର୍ଣ୍ଣୟ କରିବା;

(ଏଫ୍) ଜଙ୍ଗଲ ଅଧିକାରର ପ୍ରକାର ଓ ପରିସରକୁ କେନ୍ଦ୍ର କରି ଗ୍ରାମସଭାଗୁଡିକ ଭିତରେ ରହିଥିବା ପାରସ୍ପରିକ ବିବାଦର ଶୁଣାଣି ଓ ବିଚାର କରିବା;

(ଜି) ଗ୍ରାମସଭାମାନଙ୍କର ନିଷ୍ପତ୍ତି ଦ୍ୱାରା ସରକାରୀ ସଂସ୍ଥାମାନଙ୍କ ସମେତ କ୍ଷୁବ୍ଧ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ଠାରୁ ମିଳିଥିବା ଆପତ୍ତିସମୂହର ଶୁଣାଣି କରିବା;

(ଏଚ୍) ଆନ୍ତଃ-ଉପଖଣ୍ଡ ଦାବୀସମୂହ ପରିପ୍ରେକ୍ଷୀରେ ଅନ୍ୟ ଉପଖଣ୍ଡ କମିଟିଗୁଡିକ ସହ ସମନ୍ୱୟ କରିବା;

(ଆଇ) ସରକାରୀ ନଥିଗୁଡିକ ସହ ମିଳେଇବା ପରେ ପ୍ରସ୍ତାବିତ ଜଙ୍ଗଲ ଅଧିକାରସମୂହର ବ୍ଲକ ଓ ତହସିଲ୍ ସ୍ତରୀୟ ଚିଠା ଲିପି ପ୍ରସ୍ତୁତ କରିବା ;

(ଜେ) ପ୍ରସ୍ତାବିତ ଜଙ୍ଗଲ ଅଧିକାରସମୂହର ଚିଠା ଲିପି ସହିତ ଦାବୀଗୁଡିକୁ ଉପଖଣ୍ଡ ଅଧିକାରୀଙ୍କ ଜରିଆରେ ଜିଲ୍ଲା କମିଟିଙ୍କ ନିକଟକୁ ଚୂଡାନ୍ତ ନିଷ୍ପତ୍ତି ପାଇଁ ଅଭିପ୍ରେରଣ କରିବା;

(କେ) ଏହି ଆଇନ୍ ଏବଂ ନିୟମାବଳୀରେ ଲିପିବଦ୍ଧ ହୋଇଥିବା ଲକ୍ଷ୍ୟସମୂହ ଏବଂ ପ୍ରକ୍ରିୟାସମୂହ ବିଷୟରେ ଜଙ୍ଗଲ ଅଧିବାସୀମାନଙ୍କ ଭିତରେ ସଚେତନତା ବୃଦ୍ଧି କରିବା;

(ଏଲ୍) ଏହି ନିୟମାବଳୀର ସଂଲଗ୍ନ ନଥିସଂଖ୍ୟା-୧ (ଫର୍ମ-ଏ ଓ ଫର୍ମ-ବି)ରେ ସ୍ଥାନିତ ହୋଇଥିବା ଦାବୀ ପେଶ୍ କରିବାର ପ୍ରରୂପ (ପ୍ରୋଫର୍ମା)କୁ ସହଜରେ ଓ ମାଗଣାରେ ମିଳିପାରୁଥିବାର ବ୍ୟବସ୍ଥାକୁ ସୁନିଶ୍ଚିତ କରିବା;

**(ଏମ୍) ଆବଶ୍ୟକୀୟ ନ୍ୟୂନତମ ଉପସ୍ଥାନ ସହିତ ଗ୍ରାମସଭା ବୈଠକଗୁଡିକ ଯେପରି ଅବାଧ, ମୁକ୍ତ ଏବଂ ଯଥୋଚିତ ପ୍ରଣାଳୀରେ ପରିଚାଳିତ ହେବ, ତାହାକୁ ସୁନିଶ୍ଚିତ କରିବା ।**

## ୫. ଜିଲ୍ଲା ସ୍ତରୀୟ କମିଟି-

ଜିଲ୍ଲା-ସ୍ତରୀୟ କମିଟି ନିମ୍ନୋକ୍ତ ସଭ୍ୟମାନଙ୍କୁ ନେଇ ଗଠିତ ହେବ, ଯଥା-

୧. ଜିଲ୍ଲାପାଳ - ଅଧ୍ୟକ୍ଷ ;

୨. ସଂପୃକ୍ତ ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ) କିମ୍ବା ସଂପୃକ୍ତ ଉପ ବନସଂରକ୍ଷକ- ସଦସ୍ୟ ;

୩. ଜିଲ୍ଲା ପରିଷଦରୁ ୩ଜଣ - ସଭ୍ୟ

(ଏହି ତିନିଜଣ ସଭ୍ୟ ଜିଲ୍ଲା ପରିଷଦ ଦ୍ୱାରା ମନୋନୀତ ହେବେ, ଯେଉଁମାନଙ୍କ ଭିତରୁ ଅନ୍ତତଃ ଦୁଇଜଣ ଅନୁସୂଚୀତ ଜନଜାତି ହୋଇଥିବେ ଏବଂ ଆହୁରି ଭଲ, ଯଦି ସେମାନେ ନିଜେ ବନବାସୀ ହୋଇଥିବେ ଅଥବା ଆଦିମ ଜନଜାତିର ଅନ୍ତର୍ଭୁକ୍ତ ହୋଇଥିବେ, ଏବଂ ଯେଉଁସ୍ଥଳେ ଅନୁସୂଚୀତ ଜନଜାତି ନଥିବେ. ସେପରି ସ୍ଥଳେ ଜିଲ୍ଲା ପରିଷଦଙ୍କ ଦ୍ୱାରା ମନୋନୀତ ଦୁଇଜଣ ସଭ୍ୟଙ୍କ ଭିତରୁ ଜଣେ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଏବଂ ଆଉ ଜଣେ ସଭ୍ୟ ମହିଳା ହୋଇଥିବେ ।)

୪. ଅନୁସୂଚୀତ ଅଞ୍ଚଳରେ ଆଇ.ଟି.ଡି.ଏ.ର ପ୍ରକଳ୍ପ ପ୍ରଶାସକ ଏବଂ ଅନ୍ୟ ଅଞ୍ଚଳରେ ଜିଲ୍ଲା କଲ୍ୟାଣ ଅଧିକାରୀ । - ସଭ୍ୟ ସଂପାଦକ

## ୬. ଜିଲ୍ଲାସ୍ତରୀୟ କମିଟିର କାର୍ଯ୍ୟାବଳୀ-

ଜିଲ୍ଲା କମିଟି ନିମ୍ନୋକ୍ତ କାର୍ଯ୍ୟାବଳୀ ସମ୍ପାଦନ କରିବେ-

(ଏ) ନିୟମ-୬ ଅନ୍ତର୍ଗତ ଉପନିୟମ (ବି) ଅଧୀନରେ ଗ୍ରାମସଭା ଅଥବା ଜଙ୍ଗଲ ଅଧିକାର କମିଟିକୁ ଆବଶ୍ୟକୀୟ ସୂଚନା ପ୍ରଦାନକୁ ସୁନିଶ୍ଚିତ କରିବା ;

(ବି) ଆଇନ୍‌ର ଲକ୍ଷ୍ୟସମୂହକୁ ଦୃଷ୍ଟିରେ ରଖି ସମସ୍ତ ଦାବୀଗୁଡିକୁ, ବିଶେଷ କରି ଆଦିମ ଜନଜାତି ଗୋଷ୍ଠୀସମୂହ, ପଶୁପାଳକଗଣ ଏବଂ ଯାଯାବର ଜନଜାତିସମୂହଙ୍କ ଦାବୀଗୁଡିକୁ ବିଚାର କରାଯାଇଛି କି ନାହିଁ, ତାହା ଯାଞ୍ଚ କରି ଦେଖିବା ;

(ସି) ଉପଖଣ୍ଡ କମିଟି ଦ୍ୱାରା ପ୍ରସ୍ତୁତ ହୋଇଥିବା ଜଙ୍ଗଲ ଅଧିକାର ସମ୍ବନ୍ଧୀତ ସମସ୍ତ ଦାବୀ ଏବଂ ଅଭିଲେଖ (ରେକର୍ଡ) ଗୁଡିକୁ ବିଚାର କରିବା ଏବଂ ଚୂଡାନ୍ତ ଅନୁମୋଦନ ପ୍ରଦାନ କରିବା;

(ଡି) ଉପଖଣ୍ଡ କମିଟିର ଆଦେଶଗୁଡିକ ଫଳରେ କ୍ଷୁବ୍ଧ ହୋଇଥିବା ବ୍ୟକ୍ତିମାନଙ୍କ ଠାରୁ ଆପତ୍ତିସମୂହର ଶୁଣାଣି କରିବା ;

(ଇ) ଆନ୍ତଃ-ଜିଲ୍ଲା ଦାବୀ ଗୁଡିକ ସଂକ୍ରାନ୍ତରେ ଅନ୍ୟ ଜିଲ୍ଲାଗୁଡିକ ସହ ସମନ୍ୱୟ ରଖିବା;

(ଏଫ୍)ସଂପୃକ୍ତ ସରକାରୀ ଦଲିଲ୍‌ଗୁଡିକରେ ସ୍ୱତ୍ୱଲିପି ସମେତ ଜଙ୍ଗଲ ଉପରେ ଅଧିକାରସମୂହକୁ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିବା ;

(ଜି) ଜଙ୍ଗଲ ଉପରେ ସ୍ୱତ୍ୱାଧିକାର ବିବରଣ ଚୂଡାନ୍ତ ହେଲା ପରେ ଏହାକୁ ପ୍ରକାଶ କରିବା ; ଏବଂ

(ଏଚ୍)ଏହି ଆଇନ୍ ଅଧୀନରେ ଜଙ୍ଗଲ ଉପରେ ସ୍ୱତ୍ୱଲିପି ଏବଂ ସ୍ୱତ୍ୱାଧିକାରର ଏକ ପ୍ରମାଣୀକୃତ ପ୍ରତିଲିପି ଏହି ନିୟମାବଳୀର ସଂଲଗ୍ନ ନଥି ସଂଖ୍ୟା-୨ ଓ ୩ରେ ବିନିର୍ଦ୍ଦିଷ୍ଟ ହୋଇଥିବା ମତେ **ଯଥାକ୍ରମେ ସଂପୃକ୍ତ ଦାବୀଦାର ଏବଂ ଗ୍ରାମସଭାଙ୍କୁ ଯେପରି ଯୋଗାଇ ଦିଆଯାଏ, ତାହାକୁ ସୁନିଶ୍ଚିତ କରିବା ।**

## ୭. ରାଜ୍ୟ ସ୍ତରୀୟ ତଦାରଖ କମିଟି-

ନିମ୍ନୋକ୍ତ ସଭ୍ୟମାନଙ୍କୁ ନେଇ ଏକ ରାଜ୍ୟ ସ୍ତରୀୟ ତଦାରଖ କମିଟି ଗଠିତ ହେବ, ଯଥା:-

(୧) ମୁଖ୍ୟ ଶାସନ-ସଚିବ - ଅଧ୍ୟକ୍ଷ ;

(୨) ସଚିବ, ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ – ସଭ୍ୟ ;

(୩) ସଚିବ, ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ବିକାଶ ବିଭାଗ – ସଭ୍ୟ ;

(୪) ସଚିବ, ଜଙ୍ଗଲ ବିଭାଗ – ସଭ୍ୟ ;
(୫) ସଚିବ, ପଞ୍ଚାୟତିରାଜ ବିଭାଗ- ସଭ୍ୟ ;
(୬) ପ୍ରଧାନ ମୁଖ୍ୟ ବନ ସଂରକ୍ଷକ – ସଭ୍ୟ ;
(୭) ଶ୍ରୀ ଭରତ ପାଇକ, ସଭ୍ୟ ଜନଜାତି ଉପଦେଷ୍ଟା ପରିଷଦ - ସଭ୍ୟ
(୮) ଶ୍ରୀ ବଳଭଦ୍ର ମାଝି, ସଭ୍ୟ ଜନଜାତି ଉପଦେଷ୍ଟା ପରିଷଦ- ସଭ୍ୟ
(୯) ଶ୍ରୀମତୀ ତୁଳସୀ ମୁଣ୍ଡା, ସଭ୍ୟା ଜନଜାତି ଉପଦେଷ୍ଟା ପରିଷଦ- ସଭ୍ୟା
(୧୦) ନିର୍ଦ୍ଦେଶକ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି – ସଭ୍ୟ-ସଂପାଦକ

**୮. ରାଜ୍ୟ ସ୍ତରୀୟ ତଦାରଖ କମିଟିର କାର୍ଯ୍ୟାବଳୀ-**

ରାଜ୍ୟ ସ୍ତରୀୟ ତଦାରଖ କମିଟି ନିମ୍ନୋକ୍ତ କାର୍ଯ୍ୟାବଳୀ ସଂପାଦନ କରିବେ –

(ଏ) ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ଓ ନ୍ୟସ୍ତୀକରଣର ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ମାନଦଣ୍ଡ ଏବଂ ସୂଚକଗୁଡିକୁ ପ୍ରସ୍ତୁତ କରିବା ;

(ବି) ରାଜ୍ୟର ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି, ଯାଞ୍ଚ ଓ ନ୍ୟସ୍ତୀକରଣର ପ୍ରକ୍ରିୟାକୁ ତଦାରଖ କରିବା ;

(ସି) ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି, ଯାଞ୍ଚ ଓ ନ୍ୟସ୍ତୀକରଣର ପ୍ରକ୍ରିୟା ଉପରେ ଏକ ଷାଣ୍ମାସିକ ବିବରଣୀ ପ୍ରସ୍ତୁତ କରିବା ଏବଂ ସଂଯୋଜକ ସଂସ୍ଥା (ନୋଡାଲ ଏଜେନ୍ସି) ଚାହଁବା ମତେ ତାଙ୍କ ନିକଟରେ ଆବଶ୍ୟକୀୟ ସୂଚନାବଳୀ ଏବଂ ବିବରଣୀଗୁଡିକୁ ଦାଖଲ କରିବା;

(ଡି) ଆଇନ୍‌ର ଧାରା ୮ରେ ସୂଚୀତ ହୋଇଥିବା ମତେ ଏକ ଅବଗତି (ନୋଟିସ୍) ମିଳିଲା ପରେ ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ;

(ଇ)ଆଇନର ଧାରା ୪ ଅନ୍ତର୍ଗତ ଉପଧାର (୨) ଅନୁଯାୟୀ ପୁନର୍ବସତି କାର୍ଯ୍ୟକ୍ରମକୁ ତଦାରଖ କରିବା ।

------------------

**ଆଦେଶ-** ଏହି ପ୍ରସ୍ତାବଟିକୁ ରାଜ୍ୟ ଗେଜେଟ୍‌ର ଅସାଧାରଣ ସଂଖ୍ୟାରେ ପ୍ରକାଶନ ତଥା ଏହାର ନକଲକୁ ସରକାରଙ୍କ ସମସ୍ତ ବିଭାଗ, ସମସ୍ତ ବିଭାଗ-ମୁଖ୍ୟ ଏବଂ ସମସ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ ପାଇଁ ଆଦେଶ ଦିଆଯାଉଛି ।

**ରାଜ୍ୟପାଳଙ୍କ ଆଦେଶ କ୍ରମେ**

**ତାରା ଦତ୍ତ**

**ସରକାରଙ୍କ କମିଶନର୍-ସଚିବ**

*[Translated from English into Oriya by Sri Chitta Behera, 4A Jubilee Tower, Choudhury Bazar, Cuttack-9, Email: chittabehera1@yahoo.co.in , Mobile: 9437577546, Dt- 8th January 2009 ]*